# NATIONAL NEWS BULLETIN (ODIA)

## 23 August - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଏକ ଭ୍ରାତୃତ୍ୱପୂର୍ଣ୍ଣ ସମାଜ ଗଠନ ଦିଗରେ ମହାତ୍ମା ଗାନ୍ଧିଙ୍କ ପ୍ରଦର୍ଶିତ ମାର୍ଗ ଆପଣାଇବାକୁ ୟୁକ୍ରେନ୍ ଗସ୍ତ ଅବସରରେ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ମହାକାଶ କ୍ଷେତ୍ରର ବିକାଶ ଦ୍ୱାରା ମାନବୀୟ କ୍ଷମତା ବୃଦ୍ଧି ପାଇବା ସହିତ ଅନେକ ରହସ୍ୟ ଲୋକଲୋଚନକୁ ଆସିପାରିଛି, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଆର୍.ଜି.କର ମେଡିକାଲ୍ କଲେଜ୍‌ରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାରେ ପୂର୍ବତନ ଅଧ୍ୟକ୍ଷ ସନ୍ଦିପ ଘୋଷଙ୍କ ସମ୍ପୃକ୍ତି ପ୍ରସଙ୍ଗରେ ତଦନ୍ତ କରିବା ଲାଗି ସି.ବି.ଆଇ.କୁ ନିର୍ଦ୍ଦେଶ ଦେଲେ କୋଲକାତା ହାଇକୋର୍ଟ୍ ।
- କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ସହିତ ଫସଲ ଉତ୍ପାଦନ ବୃଦ୍ଧି କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ କହିଲେ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

ଏବଂ

- ତ୍ରିପୁରା ବନ୍ୟା ପରିସ୍ଥିତି ମୁକାବିଲା ଲାଗି କେନ୍ଦ୍ର ସରକାର ମଞ୍ଜୁର କଲେ ୪୦ କୋଟି ଟଙ୍କା ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପୋଲାଣ୍ଡ ଓ ୟୁକ୍ରେନ୍ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଆଜି କିଭ୍ ଠାରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀ ଟ୍ରେନ୍ ଯୋଗେ ପୋଲାଣ୍ଡରୁ ଆସି କିଭ୍‌ରେ ପହଞ୍ଚିଥିଲେ । ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଶ୍ରୀ ମୋଦୀ ରୁଷ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱ ଯୋଗୁଁ ଜୀବନହାନୀ ହୋଇଥିବା ଶିଶୁମାନଙ୍କର ଉଦ୍ଦେଶ୍ୟରେ କିଭ୍ ସ୍ଥିତ ୟୁକ୍ରେନ୍‌ର ଜାତୀୟ ଇତିହାସ ସଂଗ୍ରହାଳୟରେ ଥିବା ସ୍ମାରକୀରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ତାଙ୍କ ସହିତ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କି ମଧ୍ୟ ଏହି ଶିଶୁମାନଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଦୁଇ ଦେଶ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁଁ ଶିଶୁମାନଙ୍କର ପ୍ରାଣହାନୀ ହୋଇଥିବାରୁ ଶ୍ରୀ ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କର ସମ୍ମାନାର୍ଥେ ସେଠାରେ ଏକ ଖେଳନା ସ୍ଥାପନ କରିଥିଲେ । ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କିଭ୍ ସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ । ଏହି

ଅବସରରେ ଶ୍ରୀ ମୋଦୀ ଏକ ଭାତୃତ୍ୱପୂର୍ଣ୍ଣ ସମାଜ ଗଠନ ଦିଗରେ ମହାତ୍ମା ଗାନ୍ଧିଙ୍କର ଅନନ୍ତକାଳୀନ ବାର୍ତ୍ତାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମହାତ୍ମା ଗାନ୍ଧିଙ୍କ ପ୍ରଦର୍ଶିତ ମାର୍ଗ ଦ୍ୱାରା ବିଶ୍ୱ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକୁ ସଫଳତା ସହ ମୁକାବିଲା କରାଇ ପାରିବ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ।

ୟୁକ୍ରେନ୍ ଯିବା ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ରୁଷ-ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ସେ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ପୂର୍ବ ଆଲୋଚନା କରିବେ। ଶୀଘ୍ର ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଫେରିବ ବୋଲି ଜଣେ ବନ୍ଧୁ ଭାବେ ସେ ଆଶାପ୍ରକାଶ କରିଛନ୍ତି ।

୧୯୯୨ରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ୟୁକ୍ରେନ ଗସ୍ତ। ଅର୍ଥନୈତିକ ଏବଂ ବ୍ୟବସାୟିକ ସମ୍ପର୍କ, କୃଷି, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା, ଔଷଧ, ପ୍ରତିରକ୍ଷା, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ଶ୍ରୀ ମୋଦୀ ଏବଂ ଶ୍ରୀ ଜେଲେନ୍‌ସ୍କି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ବୁଝାମଣାରେ ପହଞ୍ଚିବା ପାଇଁ ଭାରତ କ୍ରମାଗତ ଭାବେ କୂଟନୀତି ଓ ଆଲୋଚନା ପାଇଁ ପରାମର୍ଶ ଦେଇ ଆସୁଛି। ମୋଦୀଙ୍କ ୟୁକ୍ରେନ୍ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ

ଆହୁରି ସୁଦୃଢ଼ ଓ ବିସ୍ତାର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

## ସ୍ପେସ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମହାକାଶ କ୍ଷେତ୍ରରେ ଅଭିବୃଦ୍ଧି ଯୋଗୁଁ ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ, ଶକ୍ତି, ନିରାପତ୍ତା, ପ୍ରଯୁକ୍ତି ବିଜ୍ଞାନ ସମେତ ବିଭିନ୍ନ ମୌଳିକ କ୍ଷେତ୍ରଗୁଡ଼ିକରେ ପ୍ରଗତି ସମ୍ଭବ ହୋଇପାରିଛି ।  ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସର ମୁଖ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ମହାକାଶ କ୍ଷେତ୍ରର ବିକାଶ ଦ୍ୱାରା ମାନବୀୟ କ୍ଷମତା ବୃଦ୍ଧି ପାଇବା ସହିତ ଆମର କଳ୍ପନାର ବିଷୟବସ୍ତୁଗୁଡ଼ିକ ବାସ୍ତବ ରୂପରେ ପରିଣତ ହୋଇପାରିଛି । ଏତଦ୍ ବ୍ୟତୀତ ଭାରତୀୟ ମହାକାଶ ଗବେଷଣା କ୍ଷେତ୍ରରେ ହୋଇଥିବା ପ୍ରଗତି ମାଧ୍ୟମରେ ଅନେକ ରହସ୍ୟ ଲୋକଲୋଚନକୁ ଆସିପାରିଛି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ମହାକାଶ ସଂଗଠନ – ଇସ୍ରୋର କେବଳ ମହାକାଶ କ୍ଷେତ୍ରରେ ନୁହେଁ ବରଂ ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଛି । ଇସ୍ରୋର

ଚନ୍ଦ୍ରଯାନ ଯେତେବେଳେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା ତାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି । ଜାତୀୟ ମହାକାଶ ଦିବସ ପାଳନକୁ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ଅଭିହିତ କରି ଶ୍ରୀମତୀ ମୁର୍ମୁ ଭାରତୀୟ ମହାକାଶ କ୍ଷେତ୍ରରେ ଉଲ୍ଲେଖନୀୟ  ଅଭିବୃଦ୍ଧି ଘଟିଛି ବୋଲି କହିଛନ୍ତି । ଖୁବ୍ କମ୍ ସମ୍ବଳ ବିନିଯୋଗ କରି ମଙ୍ଗଳଯାନ ମିଶନ୍ ସଫଳ ହୋଇଥିବାରୁ ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି ।

ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ସରକାର ମହାକାଶ କ୍ଷେତ୍ରରେ ପୂର୍ବରୁ ରହିଥିବା ସମସ୍ତ ପ୍ରତିବନ୍ଧକରୁ ମୁକ୍ତ କରିଛନ୍ତି । ସେ କହିଛନ୍ତି ୭୦ ବର୍ଷ ହେବ ମହାକାଶ କ୍ଷେତ୍ରରେ ରହିଥିବା ଗୋପନୀୟତାକୁ ଦୂର କରି ଆଜି ଦେଶ ଅଗ୍ରଗତି କରୁଛି ।

ଏହି ଅବସରରେ ଇସ୍ରୋର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି ରାଷ୍ଟ୍ରୀୟ ମହାକାଶ ଦିବସ ସାରା ଦେଶରେ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଉଛି । ଏଥିରେ ସମସ୍ତ ବିଭାଗ, ମନ୍ତ୍ରଣାଳୟ, ଶିକ୍ଷାନୁଷ୍ଠାନ, ବିଜ୍ଞାନ ସଂଗଠନ ଏବଂ ସାଧାରଣ ନାଗରିକମାନେ ଭାଗ ନେଉଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ଅନୁଷ୍ଠିତ ଉତ୍ସବରେ ଇସ୍ରୋ ଦ୍ୱାରା ଆୟୋଜିତ ରୋବୋଟିକ୍ସ ପ୍ରତିଯୋଗିତା ଏବଂ ଭାରତୀୟ ମହାକାଶ ହାକାଥନ୍ ର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ତାରିଖ ରବିବାର ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲୋକଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୩ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

## ସିବିଆଇ-ଆର୍‌ଜି କର ମଡିକାଲ୍

କୋଲକାତା ହାଇକୋର୍ଟ୍ ଆର୍.ଜି.କର ମେଡିକାଲ୍ କଲେଜ୍‌ରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାରେ ପୂର୍ବତନ ଅଧ୍ୟକ୍ଷ ସନ୍ଦିପ ଘୋଷଙ୍କ ସମ୍ପୃକ୍ତି ପ୍ରସଙ୍ଗରେ ତଦନ୍ତ କରିବା ଲାଗି ଆଜି ସି.ବି.ଆଇ.କୁ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କର ଏହି ନିର୍ଦ୍ଦେଶ ପରେ ସମ୍ପୃକ୍ତ ମେଡିକାଲ୍ କଲେଜ୍‌ରେ ହୋଇଥିବା ଆର୍ଥିକ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ସମ୍ପର୍କିତ ସମସ୍ତ ତଥ୍ୟକୁ ବର୍ତ୍ତମାନ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ ଏସ୍.ଆଇ.ଟି. ନିକଟରୁ ସି.ବି.ଆଇ.କୁ ହସ୍ତାନ୍ତର କରାଯାଇଛି । ପୂର୍ବରୁ ରାଜ୍ୟ ସରକାର ଏଥିଲାଗି ଆଇ.ଜି. ର୍‍ୟାଙ୍କ୍‌ର ଜଣେ ଅଧିକାରୀଙ୍କ ନେତୃତ୍ୱରେ ୪ ଜଣିଆ ଏସ୍.ଆଇ.ଟି. ଗଠନ କରିଥିଲେ ।

ଅନ୍ୟ ପକ୍ଷରେ ଏହି ମେଡିକାଲ୍ କଲେଜ୍‌ରେ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ୍ ହୋଇଥିବା ସଂଜୟ ରାୟକୁ ସିଆଲ୍‌ଦା ଅଦାଲତ ଆଜି ୧୪ ଦିନ ଲାଗି ଜେଲ୍ ପଠାଇଛନ୍ତି । ପୂର୍ବରୁ କୋଲକାତା ପୁଲିସ୍ ଦ୍ୱାରା ଗିରଫ୍ ହେବା ପରେ ସଂଜୟକୁ ୧୪ ଦିନ ଲାଗି ପୁଲିସ୍ ହେପାଜତକୁ ପଠାଯାଇଥିଲା । ପରେ ତାକୁ ସି.ବି.ଆଇ.କୁ ହସ୍ତାନ୍ତର କରାଯାଇଥିଲା ।

ଇତିମଧ୍ୟରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ସଚିବ ନାରାୟଣ ସ୍ୱରୂପ ନିଗମ ସମସ୍ତ ଆବାସିକ ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗଦେବା ଲାଗି ନିବେଦନ କରିଛନ୍ତି । ଶ୍ରୀ ନିଗମ କହିଛନ୍ତି, ଆର୍.ଜି.କର ମେଡିକାଲ୍‌ରେ ନୂତନ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିଜ ନିଜ ଦାୟୀତ୍ୱ ଗ୍ରହଣ କରିସାରିଛନ୍ତି ।

ସେହିଭଳି ଏହି ମେଡିକାଲ୍‌ର ଛାତି ବିଭାଗ ମୁଖ୍ୟ ଏବଂ ସହ-ଅଧିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି ।

## ମହା-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର ଦିନ ମହାରାଷ୍ଟ୍ରର ଜଲ୍‌ଗାଓଁ ଗସ୍ତରେ ଯିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନୂତନ ୧୧ ଲକ୍ଷ' ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ବଣ୍ଟନ କରିବେ । ବାର୍ଷିକ ୧ଲକ୍ଷ ବା ତଦୁର୍ଦ୍ଧ ଅର୍ଥ ରୋଜଗାର କରୁଥିବା ଏହି ଲକ୍ଷପତି ଦିଦିମାନଙ୍କ ସହିତ ଶ୍ରୀ ମୋଦୀ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ୨୫ଶହ କୋଟି ଟଙ୍କାର ଏକ ପାଣ୍ଠି ୪ଲକ୍ଷ ୩୦ ହଜାର ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରିବେ । ଏହାଦ୍ୱାରା ଏହିସବୁ ଗୋଷ୍ଠୀର ପ୍ରାୟ ୪୮ ଲକ୍ଷ ସଦସ୍ୟା ଉପକୃତ ହେବେ । ଏଥିସହିତ ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କାର ଏକ ବ୍ୟାଙ୍କ୍ ଋଣ ମଧ୍ୟ ପ୍ରଦାନ କରିବେ । ଏହାଦ୍ୱାରା ୨ଲକ୍ଷ ୩୫ ହଜାର ୪୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୫ଲକ୍ଷ ୮୦ ହଜାର ସଦସ୍ୟା ଲାଭବାନ ହେବେ । ଏହି ସମାରୋହରେ ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୩୦ ହଜାର ସ୍ଥାନରୁ ଏଥିସହିତ ସମ୍ପୃକ୍ତ ବିଭିନ୍ନ ପକ୍ଷ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଶିବରାଜ-କିଶାନ୍

କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ସହିତ ଫସଲ ଉତ୍ପାଦନ ବୃଦ୍ଧି କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଆଜି ପାଟନା ଠାରେ ଅନୁଷ୍ଠିତ କିଶାନ ସମ୍ବାଦ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, କୃଷି କ୍ଷେତ୍ର ଓ କୃଷକଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ପ୍ରତ୍ୟେକଟି ପ୍ରତିଶ୍ରୁତିକୁ ସରକାର ପାଳନ କରୁଛନ୍ତି । ଇତିମଧ୍ୟରେ କିଶାନ୍ କ୍ରେଡିଟ୍ କାର୍ଡ ମାଧ୍ୟମରେ ଚାଷୀମାନଙ୍କୁ ସହଜରେ ଋଣ ଯୋଗାଇଦେବା ସହିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀ ଯେଭଳି ନିଜର ଉତ୍ପାଦ ବିକ୍ରି କରିପାରିବ ସେ ବ୍ୟବସ୍ଥା ମଧ୍ୟ ଉପଲବ୍ଧ କରାଯାଇଛି । କୃଷି କ୍ଷେତ୍ର ଉପରେ ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବ ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ଚୌହାନ କହିଛନ୍ତି, ଏଥିଲାଗି ସରକାର କମ୍ ଦିନରେ ଅଧିକ ଉତ୍ପାଦନ କ୍ଷମ ଫସଲ ଲାଗି ଆବଶ୍ୟକ ବିହନ ପ୍ରସ୍ତୁତ କରୁଛନ୍ତି ।

## ଶାହା-ତ୍ରିପୁରା

ତ୍ରିପୁରାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଗୁଆ ୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ବନ୍ୟା ପ୍ରଭାବିତ ଲୋକଙ୍କୁ

ରିଲିଫ୍ ଯୋଗାଇ ଦେବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ କେନ୍ଦ୍ରର ଅଂଶ ହିସାବରେ ଏହି ଅର୍ଥ ମଞ୍ଜୁର କରାଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ବନ୍ୟା ପ୍ରପିଡ଼ିତ ଲୋକଙ୍କୁ ଉଦ୍ଧାର ଓ ରିଲିଫ୍ ଯୋଗାଇଦେବା ସହିତ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା କରିବା ଲାଗି କେନ୍ଦ୍ର ସରକାର ସେଠାରେ ୧୧ଟି ଏନ୍.ଡି.ଆର୍.ଏଫ୍., ତିନୋଟି ସେନା କଲମ୍ ସହିତ ବାୟୁ ସେନାର ୪ଟି ହେଲିକପ୍ଟର ମଧ୍ୟ ମୁତୟନ କରିଛନ୍ତି । ଏହି ବିପଦ ସମୟରେ ତ୍ରିପୁରାବାସୀଙ୍କ ସହିତ ନରେନ୍ଦ୍ର ମୋଦୀଙ୍କ ସରକାର କାନ୍ଧରେ କାନ୍ଧ ମିଳାଇ ଶକ୍ତ ଭାବେ ସହାୟତା ଜାରି ରଖିଛନ୍ତି ବୋଲି ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ଅନ୍ୟ ପକ୍ଷରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ଡକ୍ଟର ମାନିକ୍ ଶାହା ଆଜି ଆକାଶ ମାର୍ଗରୁ ରାଜ୍ୟର ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି । ଏହାଛଡ଼ା ବନ୍ୟା ପ୍ରଭାବିତ ଗୋମତି ଏବଂ ଦକ୍ଷିଣ ତ୍ରିପୁରା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେହିଭଳି ଅନବରତ ବର୍ଷା ଯୋଗୁଁ ଆସାମ-ଅଗରତାଲା ମଧ୍ୟରେ ଥିବା ୮ନମ୍ବର ଜାତୀୟ ରାଜପଥର ଆଥାରାମୁରା ପାର୍ବତ୍ୟାଞ୍ଚଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଇତିମଧ୍ୟରେ ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ସମୀକ୍ଷା କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । କେନ୍ଦ୍ର ସରକାରଙ୍କର ଏହି ସହାୟତା ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହା, ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।